# କଟକ ମହାନଗର ନିଗମ

ବଜାର ,କଟକ -୭୫୩୦୦୯, ଫୋନ୍ :୦୬୭୧(୨୩୧୦୪୭୨),

ପତ୍ରସଂ.......୨୨୨୫.......                                                      ତାରିଖ......୦୭-୦୮-୨୬

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ ଗୁଡ଼ିକ **ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ** ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ **ଆସନ୍ତା ତା- ୦୭/୦୮/୨୦୨୬ ରିଖ ଠାରୁ ତା- ୧୭/୦୮/୨୦୨୬ ରିଖ ପର୍ଯ୍ୟନ୍ତ ଅପରାହ୍ନ ୪ ଘଟିକା** ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଏଣୁ ଇଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ଗୁଡ଼ିକ ପାଇଁ ଧାର୍ଯ୍ୟ ଆମାନତ ଅର୍ଥ, କମିଶନର,କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇପରିବେ ଏବଂ **ତା- ୧୮/୦୮/୨୦୨୬ ରିଖ ଦିବା ୧୧.୩୦ ଘଟିକା** ରେ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପା ଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତି ଗ୍ରହଣ କରାଯିବ । ଟେଣ୍ଡର **ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ** କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମ ୱେବ୍ ସାଇଟ୍ **www.cmccuttack.odisha.gov.in** ରେ ଦେଖିପାରିବେ ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୁଡାନ୍ତ କରାଯିବ |**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବାକି ରଖି ଥିବା ବ୍ୟକ୍ତିବିଶେଷ/ ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରିନଥିବା ବ୍ୟକ୍ତିବିଶେଷ/ ଅନୁଷ୍ଠାନ ମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ |

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଲିଷ୍ଟ ଥାଇ କାରାବରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ |

୩ ଯାହାର ନାମରେ ଟେଣ୍ଡର ସିଦ୍ଧ ହେବ, ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ | ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ |

୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହାଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୁଡାନ୍ତ ନକରି ପୁନି ଟେଣ୍ଡର କରି ପାରିବେ |

୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି ( ମହାସୁଲ ) ନିମ୍ନ ମତେ ଆଦାୟ କରିବେ |

(କ) ଚାରିଚକିଆ ଯାନ ପ୍ରତି ଦୈନିକ ଟ. ୫୦.୦୦ ଙ୍କା |

(ଖ) ତିନିଚକିଆ ଯାନ ପ୍ରତି ଦୈନିକ ଟ. ୫୦.୦୦ ଙ୍କା

(ଗ) ଦୁଇଚକିଆ ଯାନ ପ୍ରତି ଦୈନିକ ଟ . ୨୦.୦୦ ଙ୍କା |

(ଘ ସାଇକେଲ ପ୍ରତି ଦୈନିକ ଟ. ୫.୦୦ ଙ୍କା |

# କଟକ ମହାନଗର ନିଗମ

ବଜାର ,କଟକ -୭୫୩୦୦୯, ଫୋନ୍ :୦୬୭୧(୨୩୧୦୪୭୨),


ପତ୍ରସଂ........................... ତାରିଖ...........................

୬. (ଅର୍ବାନ ହାଟ କ, ଖ) ଟେଣ୍ଡର ଗ୍ରହୀତା ପାର୍କିଂ ଫି ( ମହାସୁଲ ) ନିମ୍ନ ମତେ ଆଦାୟ କରିବେ ।

(କ) ଚାରିଚକିଆ ଯାନ ପ୍ରତି ଦୈନିକ ଟ . ୨୦.୦୦ ଙ୍କା । (ପ୍ରଥମ ୨ଘଣ୍ଟା) ୧୦.୦୦ ଟଙ୍କା ପରବର୍ତ୍ତୀ ୧ ଘଣ୍ଟା ଅନୁସାରେ ।

(ଖ) ତିନିଚକିଆ ଯାନ ପ୍ରତି ଦୈନିକ ଟ . ୧୫.୦୦ ଙ୍କା । (ପ୍ରଥମ ୨ଘଣ୍ଟା) ୧୦.୦୦ ଟଙ୍କା ପରବର୍ତ୍ତୀ ୧ ଘଣ୍ଟା ଅନୁସାରେ ।

(ଗ) ଦୁଇଚକିଆ ଯାନ ପ୍ରତି ଦୈନିକ ଟ . ୧୦.୦୦ ଙ୍କା । (ପ୍ରଥମ ୨ଘଣ୍ଟା) ୫.୦୦ ଟଙ୍କା ପରବର୍ତ୍ତୀ ୧ ଘଣ୍ଟା ଅନୁସାରେ ।

(ଘ) ମାଲବାହୀ ଯାନ ପ୍ରତି ଦୈନିକ ଟ. ୪୦. ୦୦ ଙ୍କା । (ପ୍ରଥମ ୨ଘଣ୍ଟା) ୨୦.୦୦ ଟଙ୍କା ପରବର୍ତ୍ତୀ ୧ ଘଣ୍ଟା ଅନୁସାରେ ।

୭. ପାର୍କିଂ ସ୍ଥାନ ସକାଳ ଘ.୮.୦୦ ଟିକା ଠାରୁ ରାତ୍ର ଘ.୧୧.୦୦ ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୮. ପାର୍କିଂ ସ୍ଥାନ ମହସୁଲ ଆଦାୟକାରୀମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ ।

୯. . ପାର୍କିଂ ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ।

୧୦ ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହାନର ନିରାପତ୍ତା ନିମନ୍ତେ ଜଗୁଆଳିର ବ୍ୟବସ୍ଥା କରିବେ ।

୧୧. . ଧାର୍ଯ୍ୟ ଅମାନତ ଅର୍ଥ କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ ।

୧୨. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ ।

୧୩. ଉକ୍ତ ଟେଣ୍ଡର ଡାକକୁ କର୍ତ୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

07/08/26

ଉପ ଆୟୁକ୍ତ

# କଟକ ମହାନଗର ନିଗମ

ବକ୍ସିବଜାର ,କଟକ -୭୫୩୦୦୧, ଫୋନ୍ :୦୬୭୧(୨୩୧୦୪୭୨),


ପତ୍ରସଂ.........................                                         ତାରିଖ..........................

| କ୍ର.ନଂ | ସୈରାତ ପାର୍କିଂ ଡ୍ରିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧ | ଅର୍ବାନ ହାଟ (କ) (Appx.5124 Sqft) | ୭,୭୭,୭୬୧/- | ୭୭,୭୭୬/- | ଆର୍ଥିକ ବର୍ଷ- ୨୦୨୬-୨୭ |
| ୨ | ଅର୍ବାନ ହାଟ (ଖ) (Appx.1130 Sqft) | ୬,୨୭,୦୦୦/ | ୬୨,୭୦୦/- | |
| ୩ | ପୋଷ୍ଟ ଅଫିସ ସମ୍ମୁଖ ପାର୍କିଂ ସ୍ଥାନ, ଚାନ୍ଦିନୀଚୌକ (Appx.1720 Sqft) | ୪୨,୦୨୨/- | ୪,୨୦୩/- | |
| ୪ | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ ନିମଚୌଡ଼ୀ (Appx.1000 Sqft) | ୩୫,୯୦୦/- | ୩,୫୯୦/- | |
| ୫ | କନିକା ଛକ ପାର୍କିଂ ସ୍ଥାନ (Appx.4968 Sqft) | ୧୧,୦୦୦/- | ୧,୧୦୦/- | |
| ୬ | ବ୍ରଜକବାଟି ରୋଡ ଉପର ମାଳିସାହି ଗଦା ନିକଟ ପାର୍କିଂ ସ୍ଥାନ (Appx.3580 Sqft) | ୫୬,୪୦୦/- | ୫,୬୪୦/- | |
| ୭ | ଗୋପବନ୍ଧୁ ପାର୍କ ପାର୍ଶ୍ୱବର୍ତୀ ପାର୍କିଂ ସ୍ଥାନ, ବକ୍ସିବଜାର (Appx.2100 Sqft) | ୨୪,୦୦୦/- | ୨,୪୦୦/- | |
| ୮ | ବୋଟ କ୍ଲବ ନିକଟ ପାର୍କିଂ ସ୍ଥାନ ଯୋବ୍ରା ରୋଡ (Appx.20500 Sqft) | ୨,୨୦,୦୦୦/- | ୨୨,୦୦୦/ | |
| ୯ | ବାଦାମବାଡ଼ି ଟାକ୍ସି ଷ୍ଟାଣ୍ଡ | ୨,୨୫,୫୦୦/- | ୨୨,୫୫୦/- | |
| ୧୦ | ପଟ୍ଟାପୋଲ କିଲିଖାନ | ୨,୫୮,୦୭୫/- | ୨୫,୮୦୮/- | |
| ୧୧ | ଖାନନଗର କିଲିଖାନ | ୩,୮୪,୦୭୫/- | ୩୮,୪୦୮/- | |
| ୧୨ | ଘି ପୋଖରୀ, ପ୍ରତାପ ନଗରୀ ୱାର୍ଡ ନଂ- ୫୮ | ୨୪,୮୦୦/- | ୨,୪୮୦/- | ଆର୍ଥିକ ବର୍ଷ- ୨୦୨୬-୨୭ ଠାରୁ ୨୦୨୮-୨୯ |

# କଟକ ମହାନଗର ନିଗମ

ବକ୍ସିବଜାର ,କଟକ -୭୫୩୦୦୯, ଫୋନ୍ :୦୬୭୧(୨୩୧୦୪୭୨),

ପତ୍ରସଂ.............................                                        ତାରିଖ...........................

ଜ୍ଞାପକ ସଂ ୧୨୨୫ / ତା ୦୭.୦୫.୨୬

ଏହାର ଏକ କିତା ନକଲ ଅତିରିକ୍ତ ଆୟୁକ୍ତ / ସମସ୍ତ ଉପ ଆୟୁକ୍ତ /ସମସ୍ତ ସହକାରୀ ଆୟୁକ୍ତ /ନଗର ଯନ୍ତ୍ରୀ /ସ୍ୱାସ୍ଥ୍ୟ ଅଧିକାରୀ /ବିତ ଅଧିକାରୀ /ବିଜ୍ଞାପନ ବିଭାଗ /ଶ୍ରୀ ବିଭୁତି ଭୁଷଣ ସାହୁ , ଏମ.ଆଇ .ଏସ . କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା | ଶ୍ରୀ ସାହୁ ଉକ୍ତ ଟେଣ୍ଡରକୁ ମହାନଗର ନିଗମ ୱେବସାଇଟରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା|

ଉପ ଆୟୁକ୍ତ

ଜ୍ଞାପକ ସଂ ୧୨୨୬ / ତା ୦୭.୦୫.୨୬

ଏହାର ଏକ କୀତା ନକଲ ଏ.ସି.ପି. (ଟ୍ରାଫିକ), କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଉପ ଆୟୁକ୍ତ

ଜ୍ଞାପକ ସଂ ୧୨୨୭ / ତା ୦୭.୦୫.୨୬

ଏହାର ଏକ କିତା ନକଲ ମେୟର ଏବଂ ଆୟୁକ୍ତଙ୍କ କ୍ଷିପ୍ର ଲେଖକଙ୍କୁ ମାନ୍ୟବର ମେୟର ଓ ଆୟୁକ୍ତ ମହୋଦୟାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା |

ଉପ ଆୟୁକ୍ତ

ଜ୍ଞାପକ ସଂ ୧୨୨୮ / ତା ୦୭.୦୫.୨୬

ଏହାର ଏକ କିତା ନକଲ  କଟକ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ଜିଲ୍ଲାପାଳ ,କଟକ /ଉପ ଜିଲ୍ଲାପାଳ ,କଟକ ସଦର / ତହସିଲଦାର, ସଦର କଟକଙ୍କ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରଯିବା ପାଇଁ ଅନୁରାଧ କରାଗଲା |

ଉପ ଆୟୁକ୍ତ

ଜ୍ଞାପକ ସଂ ୧୨୨୯ / ତା ୦୭.୦୫.୨୬

ଏହାର ଏକ କିତା ନକଲ ଭାରପ୍ରାପ୍ତ ଅଧିକାରୀ, ପୁରୀଘାଟ ଥାନାଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଉପ ଆୟୁକ୍ତ